## ସଂକ୍ଷେପରେ

### ୧୪ ହଜାର ନେଇଗଲେ ସାଇବର ଠକ

**ଅନୁଗୋଳ ଅଫିସ, ୭।୧୦:** ଅନୁଗୋଳ ତୁରଙ୍ଗ ଅଞ୍ଚଳର ନଟବର ପଟ୍ଟନାୟକ ସାଇବର ଠକେଇର ଶିକାର ହୋଇଛନ୍ତି। ସେ ଏକ ହୋଟେଲ ବୁକ୍ କରିବା ପାଇଁ ଇଣ୍ଟରନେଟ୍‌ରେ ସର୍ଚ୍ଚ କରୁଥିବା ବେଳେ ସାଇବର ଠକ ତାଙ୍କୁ ଭୁତାଇ ୧୪ ହଜାର ଟଙ୍କା ନେଇଯାଇଥିବା ଅନୁଗୋଳ ସାଇବର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ପୂଜା ଛୁଟିରେ ପରିବାର ସହ ପୁରୀ ବୁଲି ଯିବାକୁ ନଟବର ଯୋଜନା କରିଥିଲେ। ତେଣୁ ପୁରୀର ଏକ ହୋଟେଲରେ ରହିବା ପାଇଁ ସେ ଗତ ୨୩ ତାରିଖରେ ଇଣ୍ଟରନେଟ୍‌ରେ ହୋଟେଲ ସର୍ଚ୍ଚ କରି ଏକ ମୋବାଇଲ ନମ୍ବର ପାଇଥିଲେ। ସେଥିରେ ଯୋଗାଯୋଗ କରିବା ସହ ରୁମ୍ ଭଡ଼ା ବାବଦକୁ ୧୪ ହଜାର ଟଙ୍କା ଆକାଉଣ୍ଟ ମାଧମରେ ପେଠ କରିଥିଲେ। ହେଲେ ପରେ ତାଙ୍କ ନାମରେ କୌଣସି ରୁମ୍ ବୁକ୍ ହୋଇ ନ ଥିବା ସେ ଜାଣିବାକୁ ପାଇଥିଲେ। ତେଣୁ ସାଇବର ଠକେଇର ଶିକାର ହୋଇଥିବା ଜାଣି ନଟବର ଥାନାରେ ଏତଲା ଦେଇଥିଲେ। ଏ ସମ୍ପର୍କରେ ସାଇବର ଥାନା ଅଧିକାରୀ ମାନସ ମହାକୁଲ କହିଛନ୍ତି, ନଂ. ୨୯/୨୨ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

### କାଠ ସାମଗ୍ରୀ ଜବତ, ଜଣେ ଗିରଫ



**ବଇଣ୍ଡା,୭।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଝାରବଇଣ୍ଡା ଗ୍ରାମରେ ଗୁରୁବାର ରାତିରେ ହଣ୍ଡପା ବନ ବିଭାଗର ଏକ ସତନ୍ତ୍ର ଟିମ୍ ଚଢ଼ାଉ କରି ଶୁକଦେବ ମାଲୁଆଙ୍କ ଘରୁ ୧୪ ଲକ୍ଷ ଟଙ୍କାର ଶାଗୁଆନ ଗଣ୍ଡି, ପଟା, ଶାଳ ଗଣ୍ଡି, ଗମ୍ଭାରୀ କାଠ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ କିଛି ମାସ ହେବ ଚୋରା କାଠ କାରବାର କରୁଥିବା ଖବରପାଇ ହଣ୍ଡପା ବନ ବିଭାଗର ଫରେଷ୍ଟର ଅର୍ଜୁନ ବେହେରା, ପୁରୁଷୋତ୍ତମ ଦେହୁରୀ, ଗାର୍ଡ ତପସ୍ୱିନୀ ସାହୁ, ଅନିତା ମିଶ୍ରଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

### ମାରପିଟ୍ ଅଭିଯୋଗରେ ଜଣେ ଗିରଫ

**କଣିହାଁ, ୭।୧୦(ଡି.ଏନ.ଏ.):** ମାରପିଟ୍ ଅଭିଯୋଗରେ ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଶିପୁର ଗ୍ରାମର ପୁରୁଷୋତ୍ତମ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଶିପୁର ଗ୍ରାମରେ ଗୁରୁବାର ରାତିରେ କୌଣସି କାରଣରୁ ପୁରୁଷୋତ୍ତମ ଏବଂ ଶ୍ରୀବତ୍ସ ସାମଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପୁରୁଷୋତ୍ତମ ଉତ୍‌କ୍ଷିପ୍ତ ହୋଇ ଶ୍ରୀବତ୍ସଙ୍କ କାନକୁ କାମୁଡ଼ି ଦେଇଥିଲେ। ଏ ନେଇ ସମଲ ଥାନାରେ ଶ୍ରୀବତ୍ସ ଅଭିଯୋଗ କରିଥିଲେ।

### ଆଞ୍ଜା ଲଡ୍ଡୁ ନିଲାମ



**ବଇଣ୍ଡା,୭।୧୦(ଡି.ଏନ.ଏ.):** କିଶୋରନଗର ବ୍ଲକ ବାମୁର ଅଞ୍ଚଳରେ ହୋଇଥିବା ଦଶହରା ପୂଜାର ଆଞ୍ଜା ଲଡ୍ଡୁ ବୁଧବାର ନିଲାମ କରାଯାଇଛି। ପୂଜା ମଣ୍ଡପଠାରେ ପୂଜା କମିଟି ପକ୍ଷରୁ ଏହି ଆଞ୍ଜାଲଡ୍ଡୁ ନିଲାମ କରାଯାଇଥିଲା। ଅତିଥି ଭାବେ ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ଦେବରାଜ ପ୍ରଧାନ, ବଳରାମ ପ୍ରଧାନ, ସଞ୍ଜୀବ ପ୍ରଧାନ, ପ୍ରିୟରଞ୍ଜନ ପ୍ରଧାନ, ଟୁଲୁ ସାହୁ ଯୋଗ ଦେଇଥିଲେ। ଏଥିରେ ୩୨ କେଜିର ଆଞ୍ଜାଲଡ୍ଡୁକୁ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ୪୨ ହଜାର ଟଙ୍କାରେ ନିଲାମ ନେଇଥିଲେ।

### ସରକାରୀ କର୍ମଚାରୀଙ୍କ ପରଲୋକ

**ବଇଣ୍ଡା,୭।୧୦(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା କେନ୍ଦୁପତ୍ର ବିଭାଗରେ କାମ କରୁଥିବା କିଶୋରନଗର ଥାନା ତୁରୁଡା ଗ୍ରାମର ଜ୍ୟୋତିରଞ୍ଜନ ପ୍ରଧାନ (୫୫)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସକାଳେ ଘରେ ଥିବାବେଳେ ଅସୁସ୍ଥ ହୋଇପଡିଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗଣପର୍ବ ପାଇଁ ସଜେଇ ହେଉଛି ଗାଁ

୧୩ ଦିନ ଧରି ପାଳନ ହେବ ପୂଜା। ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିବ ଅଞ୍ଚଳ। ୯ ମଣ୍ଡପ ବୁଲି ଦେବୀଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏଥିସହ ମଜା ନେବେ ମେଳା ଓ ମନୋରଞ୍ଜନ କାର୍ଯ୍ୟକ୍ରମର।

**ଆସୁଛନ୍ତି ଧନଦାତ୍ରୀ**





**ବଅଁରପାଳ, ୭।୧୦ (ଡି.ଏନ.ଏ.)**

- କୁଲାଡ଼ରେ ଧୁମ୍‌ଧାମରେ ହେବ ଲକ୍ଷ୍ମୀ ପୂଜା
- ୨ ବର୍ଷ ପରେ ପୂଜାକୁ ନେଇ ଅଞ୍ଚଳରେ ଉତ୍ସାହ
- ଗ୍ରାମରେ ପଶିବନି ଆମିଷ ଦ୍ରବ୍ୟ

ଗଣପର୍ବ ଲକ୍ଷ୍ମୀ ପୂଜା ପାଇଁ ସଜେଇ ହେଉଛି ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗାଁ। କରୋନା କଟକଣା ଯୋଗୁ ଗତ ୨ ବର୍ଷ ହେଲା ପୂଜା ଫିକା ପଡିଥିବା ବେଳେ ଚଳିତବର୍ଷ କିନ୍ତୁ ଏହା ଅତି ଆଡ଼ମ୍ବରରେ ପାଳନ କରାଯିବ। ଏଥିପାଇଁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୯ରୁ ୨୧ ତାରିଖ ଯାଏ ପୂଜା ପାଳନ ହେବାକୁ ଥିବାରୁ ଏହି ସମୟ ମଧ୍ୟରେ ଗ୍ରାମରେ ଆମିଷ ଦ୍ରବ୍ୟ ପଶିବ ନାହିଁ ବୋଲି ସୂଚନା ମିଳିଛି।

କୁଲାଡ ଗ୍ରାମର ୯ ମଣ୍ଡପରେ ହେବ ମା' ଲକ୍ଷ୍ମୀଙ୍କ ପୂଜା। ହାତରେ ଆଉ ଅଧିକ ଦିନ ନ ଥିବାରୁ କୁଲାଡ଼ ଛକ, ବ୍ରାହ୍ମଣୀଦେବୀ ସାହି, ବିଗ୍ ପଣ୍ଡ, ଫ୍ରେଣ୍ଡସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ବଣିକ ସଂଘ, ବାବାସ କ୍ଲବ, ଆଲୁମିନିୟମ ହାଇସ୍କୁଲ ମଣ୍ଡପରେ ଜୋର୍‌ଧରିଛି ସାଜସଜ୍ଜା କାର୍ଯ୍ୟ। ମଣ୍ଡପ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନାଲ୍‌କୋ ଏଫ୍‌ସିଆଇ ଛକଠାରୁ ବ୍ରାହ୍ମଣୀ ଦେବୀ ସାହି ପର୍ଯ୍ୟନ୍ତ ଆଲୋକ ସଜ୍ଜିତ କରାଯିବ। ଫଳରେ ନବବଧୂ ପରି ସଜେଇ ହେବ କୁଲାଡ଼ ଗାଁ। ଆଲୁମିନିୟମ ହାଇସ୍କୁଲ ତରଫରୁ ଏଥର ମେଢ଼କୁ ଆକର୍ଷଣୀୟ କରାଯିବାର ଯୋଜନା ରହିଛି। ତେବେ ବିଗ୍‌ପଣ୍ଡ ପକ୍ଷରୁ ପୋଖରୀ ଭିତରେ ହେଉଥିବା ମଣ୍ଡପ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି କୁହାଯାଉଛି। ପ୍ରାୟ ୫ ଶହ ପାଇପ୍ ଦ୍ୱାରା ଏହି ମଣ୍ଡପ ନିର୍ମାଣ ଚାଲିଥିବାବେଳେ ରଙ୍ଗିନ ଆଲୋକରେ ସଜାସଜ୍ଜା କରାଯିବ। ସେହିପରି କୁଲାଡ଼ ଛକ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ନିର୍ମାଣ କରାଯିବ। ୧୩ ଦିନ ଧରି ପୂଜା ପାଳନ ହେବାକୁ ଥିବାରୁ ପ୍ରବଳ ଜନସମାଗମ ହେବ। ଏଥିସହ ଲୋକଙ୍କ ମନୋରଞ୍ଜନ ପାଇଁ ଦଣ୍ଡନୃତ୍ୟ, ମେଲୋଡ଼ି ପରି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶ୍ରଦ୍ଧାଳୁମାନେ ପୂଜା ବୁଲିବା ସହ ମିନା ବଜାର ଓ ଭଳି କି ଭଳି ଖାଦ୍ୟ ଷ୍ଟଲର ମଜା ନେଇପାରିବେ।

**ଗୋଟିଏ ମଣ୍ଡପରୁ ୯ ମଣ୍ଡପ**



୨୫ ବର୍ଷ ତଳେ କୁଲାଡ଼ ଛକରେ ପ୍ରଥମେ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ପରେ ଗ୍ରାମର ଯୁବଗୋଷ୍ଠୀଙ୍କ ପ୍ରଚେଷ୍ଟାରେ ଏହି ପୂଜା ଏବେ ୯ ମଣ୍ଡପରେ ପହଞ୍ଚିଛି। ଏହା ଗାଁର ଗଣପର୍ବ ହୋଇଥିବାରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଧୁମ୍‌ଧାମରେ ପୂଜା ପାଳନ କରାଯିବ।

-ଜିତେନ୍ଦ୍ର ଜେନା, ସଭାପତି, କୁଲାଡ଼ ଛକସାହି ପୂଜା କମିଟି

**ଆଲୋକମାଳାରେ ଝଲସିବ ଗ୍ରାମ ପୋଖରୀ**



କରୋନା ଯୋଗୁ ୨ ବର୍ଷ ହେଲା ପୂଜା ଫିକା ପଡିଥିଲା। ହେଲେ ଚଳିତବର୍ଷ ବହୁ ଆଡ଼ମ୍ବରରେ ପୂଜା ପାଇଁ ପୋଖରୀ ଭିତରେ ମଣ୍ଡପ ନିର୍ମାଣ କରାଯାଉଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା କରାଯାଉଛି।

-ରାଜୀବ ଜେନା, ସଭାପତି, ବିଗ୍‌ପଣ୍ଡ ପୂଜା କମିଟି

**ଆଡ଼ମ୍ବରରେ ହେବ ଭସାଣି**



ଚଳିତବର୍ଷ ବହୁ ଆଡ଼ମ୍ବରରେ ପୂଜା ସହ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବାଦ୍ୟରେ ଗ୍ରାମ ଦୁଲୁକି ଉଠିବ। ଏଫ୍‌ସିଆଇ ଛକଠାରୁ ଗ୍ରାମ ଭିତର ପର୍ଯ୍ୟନ୍ତ ଶୋଭାଯାତ୍ରା ଯିବ। ଏଥିପାଇଁ ମେଲୋଡି, ସାଉଣ୍ଡ ଓ ବାଦ୍ୟ ଦଳକୁ ଅଗ୍ରିମ ଦିଆସରିଛି।

-ମୁକେଶ ଜେନା, ସଭାପତି, ଆଲୁମିନିୟମ ହାଇସ୍କୁଲ ପୂଜା କମିଟି

**ମହକିବ ଅରୁଆ ଅନ୍ନ ବାସ୍ନା**



ପୂଜା ୧୩ ଦିନ ଧରି ପାଳନ ହେବାକୁ ଥିବାବେଳେ ଏହି ସମୟ ମଧ୍ୟରେ ଗ୍ରାମରେ ଆମିଷ ଦ୍ରବ୍ୟ ପଶିବ ନାହିଁ। ଘରେ ଘରେ ଅରୁଆ ଅନ୍ନର ମହକ ଛୁଟିବ। ଚଳିତବର୍ଷ ପୂଜାକୁ ବହୁ ଆକର୍ଷଣୀୟ କରାଯାଉଛି। ବିଶେଷକରି ଆଲୋକ ତୋରଣ ଉପରେ ଧ୍ୟାନ ଦିଆଯାଉଛି।

-ମିଲନ ସ୍ୱାଇଁ, ସଭାପତି, ସାହାରା କ୍ଲବ

# ହକରଙ୍କ ପୁଅ ଓସିଏସ୍‌ରେ ଉତ୍ତୀର୍ଣ୍ଣ



ମାତା ଓ ପିତାଙ୍କ ସହ ସଫଳତା ପାଇଥିବା ସତ୍ୟବ୍ରତ ମହାପାତ୍ର।

**ଅନୁଗୋଳ ଅଫିସ, ୭।୧୦**

ପିଲାବେଳେ ଏକ ଦୁର୍ଘଟଣା ତାଙ୍କୁ ଦିବ୍ୟାଙ୍ଗ କରିଦେଇଥିଲା। ହେଲେ ଏହି ଶାରୀରିକ ଅକ୍ଷମତା ତାଙ୍କ ମନୋବଳକୁ ଭାଙ୍ଗିପାରି ନ ଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଜ ମେଧା ପ୍ରଦର୍ଶନ କରି ସେ ୨୦୧୯ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା (ଓସିଏସ୍) ଯାଏ ପହଞ୍ଚିପାରିଥିଲେ। କିନ୍ତୁ ପୁନର୍ବାର ଦୁର୍ଘଟଣା ସେଥିରେ ପ୍ରତିବନ୍ଧକ ସାଜିଥିଲା। ପ୍ରିଲିମ୍‌ରେ କୃତକାର୍ଯ୍ୟ ହୋଇଥିଲେ ମଧ ଆହତ କାରଣରୁ ମେନ୍ ପରୀକ୍ଷାରୁ ତାଙ୍କୁ ବଞ୍ଚିତ ହେବାକୁ ପଡ଼ିଥିଲା। ହେଲେ ଦୃଢ଼ ମନୋବଳ ଯୋଗୁ ସଫଳତା ପଥରେ ଥିବା ସମସ୍ତ ଅବରୋଧକୁ ସେ ହଟାଇଦେଇଛନ୍ତି। ୨୦୨୦ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ହକରଙ୍କ ପୁଅ ସତ୍ୟବ୍ରତ ମହାପାତ୍ର ଚର୍ଚ୍ଚିତ ବ୍ୟକ୍ତିତ୍ୱ ପାଲଟିଯାଇଛନ୍ତି।

ଅନୁଗୋଳ ବସ୍‌ଷ୍ଟାଣ୍ଡରେ ହକର ଭାବେ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ମହାପାତ୍ରଙ୍କ ପୁଅ ହେଉଛନ୍ତି ସତ୍ୟବ୍ରତ ମହାପାତ୍ର। ୧୯୯୭ ଜୁନ୍ ୧ରେ ଜନ୍ମିତ ସତ୍ୟବ୍ରତଙ୍କ ପୈତୃକ ଘର ଢେଙ୍କାନାଳ ଜିଲାରେ। ତେବେ ଦୀର୍ଘଦିନ ହେବ ସେ ବାପା ଶ୍ରୀକାନ୍ତ ଓ ମା ସୁମିତ୍ରା ମହାପାତ୍ରଙ୍କ ସହ ଅନୁଗୋଳର ଅମଳାପଡାରେ ରହି ଆସୁଛନ୍ତି। ପରିବାରରେ ବଡ ଭାଇଙ୍କ ସହ ଦୁଇ ଭଉଣୀ ଥିବାବେଳେ ସତ୍ୟବ୍ରତ ହେଉଛନ୍ତି ସାନ ପୁଅ। ସେ ଉତ୍ତରପଡା ବିଦ୍ୟାଳୟ ଓ ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଶିକ୍ଷା ସମାପ୍ତ କରିବା ସହ ଅନୁଗୋଳ ସରକାରୀ ଜୁନିୟର କଲେଜରେ ଯୁକ୍ତ ୨ ପଢିଥିଲେ। ଏହାପରେ ଭୁବନେଶ୍ୱରସ୍ଥିତ ଓୟୁଏଟିରେ ଏଗ୍ରିକଲଚରରେ ଗ୍ରାଜୁଏଟ ହୋଇଥିଲେ। ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ଏକ ସଂସ୍ଥା ପକ୍ଷରୁ ସ୍କଲାରଶିପ୍ ଦିଆଯାଇ କୋଚିଂ ପାଇଁ ବାଙ୍ଗାଲୋର ପଠାଯାଇଥିଲା। ତେବେ ସେ ଦ୍ୱିତୀୟ ପ୍ରଚେଷ୍ଟାରେ ୨୦୨୦ ଓସିଏସ୍ ପରୀକ୍ଷାରେ ୨୭୯ ର୍‍ୟାଙ୍କ ରଖିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ସେ ଓ ପରିବାର ଲୋକେ ବେଶ୍ ଖୁସି ହୋଇଛନ୍ତି। ତାଙ୍କୁ ବିଭିନ୍ନ ଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ପିଲାଦିନରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ବିଜେତା ହୋଇଛନ୍ତି। ଏପରି କି ଦୈନିକ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ହୋଇଥିବା ମେଟେଲ ମିଟ୍-୨୦୧୭ରେ ସେ ଚୂଡ଼ାନ୍ତ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ୨୦୧୮ରେ ସେ ଜାତୀୟସ୍ତରର କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଦୈନିକ ୬ରୁ ୮ ଘଣ୍ଟା ପରିଶ୍ରମ କରିବା ସହ ଗୁରୁଜନ ଓ ଈଶ୍ୱରଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇପାରିଥିବା ସତ୍ୟବ୍ରତ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ସଂଯୋଗ ପାଇଁ ଦାବିପତ୍ର



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଜନପ୍ରତିନିଧି ଓ ଗ୍ରାମବାସୀ।

**ମାଧପୁର,୭।୧୦**

ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତକୁ ସବୁଦିନିଆ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତି ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ କୁଦଗାଁକୁ ସବୁଦିନିଆ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇ ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଫଳରେ ସନ୍ଧ୍ୟା ପରେ ଗ୍ରାମବାସୀ ଡିବିରି ଆଲୁଅ ଜାଳୁଛନ୍ତି। ଗ୍ରାମର ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ପଞ୍ଚାୟତରେ ଥିବା ପ୍ରାୟ ୩୦୦ ହେକ୍ଟର ଚାଷଜମିକୁ ଉଠା ଜଳ ଯୋଗାଣର ବ୍ୟବସ୍ଥା କରାଯାଇପାରି ନାହିଁ। ତେଣୁ ରାଜ୍ୟ ସରକାର କୁଦଗାଁବାସୀଙ୍କୁ ସବୁଦିନିଆ ବିଦ୍ୟୁତ୍ ସଂଯୋଗୀକରଣ କରାଇ ବିକାଶର ସ୍ରୋତରେ ସାମିଲ କରିବାକୁ ଗ୍ରାମବାସୀ ଓ ସରପଞ୍ଚ ଦାବି କରିଥିବା ଜଣାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟା ସୁଷମା ଭୋକ୍ତା ଉପସ୍ଥିତ ଥିଲେ।

# ସୈନ୍ୟ ବାହିନୀରେ ନିଯୁକ୍ତି ରାଲି

**ଅନୁଗୋଳ ଅଫିସ, ୭।୧୦**

ଭାରତୀୟ ସେନାବାହିନୀରେ ପୁରୁଷ ସୋଲଜର ଟେକ୍ନିକାଲ (ନର୍ସିଂ ଆସିଷ୍ଟାଣ୍ଟ (ନଏ) ଓ ନର୍ସିଂ ଆସିଷ୍ଟାଣ୍ଟ ଭେଟେରିନାରି ନଏ (ଭେଟ୍) ନିଯୁକ୍ତି ନିମନ୍ତେ ରାଲି ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗର ବାରକପୋରେରେ ଆସନ୍ତା ୨୦୨୩ ଜାନୁୟାରୀ ୨୦ରୁ ୨୪ ତାରିଖ ଯାଏ ଏହି ରାଲି କରାଯିବ। ଏଥିରେ ଭାଗ ନେବା ନିମନ୍ତେ ଅନୁଗୋଳ ଜିଲାର ଇଚ୍ଛୁକ ପ୍ରାର୍ଥୀମାନେ ଅକ୍ଟୋବର ୧ରୁ ୩୦ ତାରିଖ ଯାଏ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ୧୭ରୁ ୨୫ ବର୍ଷ ବୟସ ରଖାଯାଇଥିବା ବେଳେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ସାଇନ୍ସରେ ୫୦% ମାର୍କ ସହିତ ପ୍ରତି ବିଷୟରେ ୪୦% ମାର୍କ ଦରକାର ବୋଲି କୁହାଯାଇଛି। ଡିସେମ୍ବର ୨୫ ପରେ ଆଡମିଟ୍‌କାର୍ଡ ଡାଉନଲୋଡ୍ କରି ପ୍ରାର୍ଥୀମାନେ ଉକ୍ତ ରାଲିରେ ଯୋଗଦେଇପାରିବେ ବୋଲି ସମ୍ବଲପୁରସ୍ଥିତ ସେନାବାହିନୀ ନିଯୁକ୍ତି ଅଧିକାରୀ ଜଣାଇଥିବା ଅନୁଗୋଳ ଜିଲା ନିୟୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଇଣ୍ଡା,୭।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳ ପଡିଆ ଠାରେ ଶୁକ୍ରବାର ଜିଲାସ୍ତରୀୟ ସନ୍ତୋଷ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ହିମିତିରା ସରପଞ୍ଚ ସୁମିତ୍ରା ସେଠୀ, ସମିତିସଭ୍ୟ ପ୍ରଣବ ପ୍ରଧାନ, ବିରଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ବୌଦ୍ଧ ଓ ଆଠମଲ୍ଲିକ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବୌଦ୍ଧ ୩-୨ ଗୋଲରେ ଆଠମଲ୍ଲିକକୁ ପରାସ୍ତ କରିଥିଲା। ସେହିପରି ୨ୟ ମ୍ୟାଚରେ ବାଗେଡିଆକୁ ୪-୩ ଗୋଲରେ ହରାଇ ସମ୍ବଲପୁର ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ରେଢାଖୋଲକୁ ହରାଇ ଫୁଲବାଣୀ ୧-୦ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ହିମିତିରାକୁ ହରାଇ ଅନୁଗୋଳ ୪-୩ ଗୋଲରେ ବିଜୟୀ ହୋଇଥିଲା। ପ୍ରବୀଣ ବେହେରା, ଦିଲୀପ ରାଉତ, ସୂର୍ଯ୍ୟକାନ୍ତ ବେହେରା, ଆଲୋକ ପ୍ରଧାନ ଖେଳ ପରିଚାଳନା କରିଥିଲେ। ନବୀନ ପ୍ରଧାନ ଧାରା ବିବରଣୀ ପାଠ କରିଥିବାବେଳେ ଶିକ୍ଷକ କିଶୋର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। କ୍ଲବର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ପ୍ରତିଯୋଗିତାର ଶୁଭାରମ୍ଭ ଅବସରରେ ଅତିଥି ଓ ଖେଳାଳିମାନେ।

# ବିଧାୟକଙ୍କ ଦ୍ୱାରା ଡଙ୍ଗା ଉଦ୍‌ଘାଟିତ

**କଣିହାଁ,୭।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ଗହମ-ଦୁର୍ଗାପୁର ଓ ଶିଳିଂ-ତାଳପଦା ଘାଟରେ ବ୍ରାହ୍ମଣୀ ନଦୀ ପାରି ହେବା ପାଇଁ ଶୁକ୍ରବାର ଏନ୍‌ଟିପିସି ପ୍ରକଳ୍ପର ସିଏସ୍‌ଆର୍ ଫଣ୍ଡରୁ ଦୁଇଟି ନୂଆ ଡଙ୍ଗା ମିଳିଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ଜିଏମ୍ (ଏଚ୍‌ଆର୍) ପ୍ରେମଚାନ୍ଦ, ମ୍ୟାନେଜର (ଏଚ୍‌ଆର୍) ଜିତେନ୍ଦ୍ର କୁମାର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଘାଟ ଦୁଇଟିରେ ଦୀର୍ଘଦିନ ହେବ ପୁରୁଣା ଦଦରା ଡଙ୍ଗାରେ ଲୋକମାନେ ନଦୀ ପାରି ହେଉଥିଲେ। ନୂଆ ଡଙ୍ଗା ପାଇଁ ଲୋକମାନେ ଦାବି କରି ଆସୁଥିଲେ ମଧ୍ୟ ମିଳିପାରୁ ନ ଥିଲା। ଶେଷରେ ନୂଆ ଡଙ୍ଗା ମିଳିଥିବାରୁ ଲୋକମାନେ ଅଶ୍ୱସ୍ତିଲାଭ କରିଛନ୍ତି। ତାଳପଦା ଶିଳିଂ ଘାଟରେ ବିଧାୟକଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ତୁରନ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍, ସମିତି ସଭ୍ୟ ଦୀପକ ସେଠୀ, ପର୍ଶୁରାମ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ବିରଞ୍ଚି ନାରାୟଣ ସାହୁ, ସୁବାସ ଚନ୍ଦ୍ର ମହାନ୍ତି, ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆ ଡଙ୍ଗାରେ ବିଧାୟକ ନଦୀରେ ଭ୍ରମଣ କରୁଛନ୍ତି।

# ସହରରେ ହେବ ୨୯ ମଣ୍ଡପ

**ଅନୁଗୋଳ ଅଫିସ, ୭।୧୦**

ଅନୁଗୋଳ ସହରରେ ଚଳିତବର୍ଷ ମୋଟ୍ ୨୯ଟି ମଣ୍ଡପରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ। ଏହା ୯ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ଯାଏ ଚାଲିବ। ୧୯ ତାରିଖରେ ଭସାଣି ଉତ୍ସବ ସହ ମା'ଙ୍କୁ ମେଲାଣି ଦିଆଯିବ। ତେବେ ଭସାଣି ଉତ୍ସବକୁ କିପରି ଆୟୋଜନ କରାଯିବ ସେ ନେଇ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

କେନ୍ଦ୍ରୀୟ ପୂଜା କମିଟି ସଭାପତି ଅକ୍ଷୟ କୁମାର ସାମନ୍ତ କହିଛନ୍ତି, ପୂଜା ଆରମ୍ଭ ହେବାକୁ ହାତରେ ଆଉ ମାତ୍ର କେଇ ଘଣ୍ଟାର ସମୟ ଥିବାରୁ କମିଟିଗୁଡିକ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଅନୁଗୋଳ ଲକ୍ଷ୍ମୀପୂଜାରେ ମେଲଣ ଉତ୍ସବ ଓ ଆତସବାଜି କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ହେଲେ ଚଳିତବର୍ଷ ମେଲଣ ଉତ୍ସବ ଧୁମ୍‌ଧାମରେ ପାଳନ କରାଯିବାକୁ ଥିବାବେଳେ ଆତସବାଜି ଉପରେ ଅଙ୍କୁଶ ଲଗାଯାଇଛି। ସେହିପରି ସମସ୍ତ ସାଉଣ୍ଡ ସିଷ୍ଟମର ଉଚ୍ଚତା ୧୨ ଫୁଟରୁ କମ୍ ଓ ସର୍ବନିମ୍ନ ଓସାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରାହ୍ନ ୩ଟା ପୂର୍ବରୁ ମେଲଣ ଆରମ୍ଭ ହେବ। ମୋଟ୍ ୧୨ଟି ପୂଜା କମିଟି ମେଲଣରେ ଭାଗ ନେବେ। ୩ଟା ପୂର୍ବରୁ ଏହି କମିଟିମାନେ ନିଜର ମେଢ଼ ଆଣି ଥାନା ଛକ ଠାରୁ ଜାତୀୟ ରାଜପଥରେ ବୁଢ଼ୀ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଛଡ଼ା କରିବେ। ୩ଟାରେ ଏସ୍‌ପି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଲଟେରି ଅନୁଯାୟୀ କ୍ରମାନ୍ୱୟରେ ମେଢ଼ ଶୋଭାଯାତ୍ରା ଆରମ୍ଭ ହେବ। ଏଥର ଭସାଣି ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡକୁ ଯିବନି। ଟ୍ରାଫିକ୍ ବ୍ୟବସ୍ଥା ଓ ବସ୍ ଚଳାଚଳରେ ବାଧା ଉପୁଜିବା ଆଶଙ୍କା କରି ଏହି ନିଷ୍ପତ୍ତି ହୋଇଛି। ଥାନା ଛକରୁ ରାଜା ଛକ ଦେଇ ବଜାର ଓ ହରିମହୁରୀ ଛକ ଦେଇ ପୁନର୍ବାର ଥାନା ଛକ ଠାରେ ଏକାଠି ହେବା ପରେ ବିସର୍ଜନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁ ପୂଜା କମିଟି ମେଲଣରେ ଭାଗ ନେବେ ନାହିଁ, ସେମାନେ ଅପରାହ୍ନ ୩ଟା ପୂର୍ବରୁ ଭସାଣି ସାରିବେ। ମୂର୍ତ୍ତି ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯିବ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ସମସ୍ତ ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବ ବୋଲି କେନ୍ଦ୍ରୀୟ ପୂଜା କମିଟି ସଭାପତି ସାମନ୍ତ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉପସଭାପତି କିଶୋର କୁମାର କର, ସୁନୀଲ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାଉତ, ସମ୍ପାଦକ ରଞ୍ଜିତ ମାଣ୍ଡେଠିଆ, କୋଷାଧକ୍ଷ ଅକ୍ଷୟ କୁମାର ଦାସଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।





ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

- ୯ରୁ ଅନୁଗୋଳରେ ଆରମ୍ଭ ହେବ ଲକ୍ଷ୍ମୀ ପୂଜା
- ୧୯ରେ ଧୁମ୍‌ଧାମରେ କରାଯିବ ଭସାଣି
- ଶୋଭାଯାତ୍ରାରେ ସାମିଲ ହେବ ୧୨ ମେଢ଼

### ୧୬ ପ୍ଲାଟୁନ୍ ଫୋର୍ସ ମୁତୟନ

ଅନୁଗୋଳ ସହରରେ ଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୮୫ ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୧୧୫ ହାବିଲଦାର ଓ କନଷ୍ଟେବଲ୍, ୧୫ ଟ୍ରାଫିକ କନଷ୍ଟେବଲ ଓ ୧୮୫ ହୋମଗାର୍ଡଙ୍କ ସହ ୧୬ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସଜେଇ ହୋଇଛି ସହର

■ଦିନକ ପରେ ଗଣପର୍ବ ଲକ୍ଷ୍ମୀପୂଜା
■ଚୂଡ଼ାନ୍ତ ପର୍ଯ୍ୟାୟରେ ସାଜସଜ୍ଜା
■ସବୁଠି ବିପୁଳ ଉଦ୍ଦୀପନା

ଢେଙ୍କାନାଳ ଅଫିସ, ୭।୧୦



ସରିଲାଣି ପୂଜା ମଣ୍ଡପରେ ପ୍ରସ୍ତୁତି ସାଜସଜ୍ଜା ବି ଚୂଡ଼ାନ୍ତ ପର୍ଯ୍ୟାୟରେ। ମା'ଙ୍କ ମୃଣ୍ମୟୀ ପ୍ରତିମା, କଳାକୁଞ୍ଜରେ ଶିଳ୍ପୀ ଦେଉଛନ୍ତି ଶେଷସ୍ପର୍ଶ। ସୁଉଚ୍ଚ ତୋରଣ, ସୁଦୃଶ୍ୟ ଆଲୋକମାଳାରେ ସହର ପରିବେଶ ଝଲସି ଉଠିଥିବାବେଳେ ଧନଦାତ୍ରୀଙ୍କ ଧରାବତରଣକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଢେଙ୍କାନାଳବାସୀ।

ଦିନକ ପରେ ଢେଙ୍କାନାଳର ପ୍ରସିଦ୍ଧ ଗଣପର୍ବ ଲକ୍ଷ୍ମୀପୂଜା। ୧୧ଦିନ ଧରି ମଣ୍ଡପରେ ବିରାଜିବେ ଧନଦାତ୍ରୀ। ପ୍ରସ୍ତୁତି ଆପାତତଃ ଶେଷ ହୋଇଥିବାବେଳେ ସାଜସଜ୍ଜା, ମୂର୍ତ୍ତି ନିର୍ମାଣ ଅନ୍ତିମ ଚରଣରେ। କମିଛି କରୋନା ଭୟ। ମା'ଙ୍କ ଦର୍ଶନ ପାଇଁ ନାହିଁ କଟକଣା। ଦୀର୍ଘ ଦୁଇବର୍ଷ ପରେ ମହାଆଡମ୍ବରରେ ପୂଜା ପାଳିତ ହେଉଥିବାରୁ ସବୁଠି ଦେଖାଦେଇଛି ବିପୁଳ ଉତ୍ସାହ ଓ ଉଦ୍ଦୀପନା। ମହୋତ୍ସବରେ ସାମିଲ ହୋଇ ମା'ଙ୍କ ଆଶିଷ ଭିକ୍ଷା କରିବାକୁ ଆତୁରରେ ଅପେକ୍ଷା କରିଛନ୍ତି ସଭିଏଁ।

ଆସନ୍ତା ୯ ତାରିଖ କୁମାର ପୂର୍ଣ୍ଣିମାରୁ ଆରମ୍ଭ ହେଉଛି ଗଣପର୍ବ ଲକ୍ଷ୍ମୀପୂଜା। ଚଳିତବର୍ଷ ୩୮ ମଣ୍ଡପରେ ଧୁମଧାମ୍‌ରେ ପୂଜା କରାଯାଉଛି। କରୋନା କଟକଣା ପାଇଁ ଦୁଇବର୍ଷ ହେଲା କେବଳ ବିଧିରକ୍ଷା ପାଇଁ ପୂଜା ହେଉଥିବାବେଳେ କାହାରି ମନରେ ସରସ ନ ଥିଲା। ଚଳିତବର୍ଷ କିନ୍ତୁ ସ୍ଥିତି ବଦଳିଛି। ଜାକ୍‌ଜମକରେ ପୂଜା ଆୟୋଜନ ପାଇଁ ମିଳିଛି ଅନୁମତି। ତୋରଣ, ଆଲୋକମାଳା, ମଣ୍ଡପରେ ସାଜସଜ୍ଜା ଶେଷ ପର୍ଯ୍ୟାୟରେ। ମେଢ଼ର ସୂକ୍ଷ୍ମ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ଯେପରି ଶେଷହେବ, ସେଥିଲାଗି ଦିନରାତି ଏକ୍ କରିଦେଇଛନ୍ତି କାରିଗର। ପ୍ରତିଯୋଗିତାମୂଳକ ମହୋତ୍ସବରେ ପ୍ରଥମ ସ୍ଥାନରେ ରହିବାକୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ଦେଖାଦେଇଛି ବ୍ୟାପକ ଉତ୍ସାହ।

୧୯୪୭ରେ ଢେଙ୍କାନାଳ ମିନାବଜାର ପକ୍ଷରୁ ଆରମ୍ଭ ହୋଇଥିଲା ସାର୍ବଜନୀନ ଲକ୍ଷ୍ମୀପୂଜା। ଏହାପରେ ଜବାହରଚୌକ, ଲକ୍ଷ୍ମୀବଜାର ଏବଂ ଗଣେଶ ବଜାର ଏଥିରେ ସାମିଲ ହୋଇଥିଲେ। କାଳକ୍ରମେ ମଣ୍ଡପ ସଂଖ୍ୟା ୩୮ରେ ପହଞ୍ଚିଛି। ମିନାବଜାର, କୈବଲ୍ୟ ବଜାର, ଗଣେଶବଜାର, ଗୁଡ଼ିଆନାଳୀ, ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ଚାନ୍ଦିମେଢ଼ କ୍ଲବରେ ସାମିଲ ହୋଇଥିବାବେଳେ ଅନ୍ୟ ପୂଜା ପ୍ରତିଷ୍ଠାନରେ ସୁବର୍ଣ୍ଣ ମୁକୁଟ, ରୁପା କିରୀଟ, ଅଳଙ୍କାରରେ ସଜ୍ଜିତ ହୋଇ ଦର୍ଶନ ଦେବେ ମା'। ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପୂର୍ତ୍ତି ଚଳିତ ମହୋତ୍ସବର ଅନ୍ୟତମ ଆକର୍ଷଣ। ସେହିପରି କାଳିକାନଗର ପୂଜା କମିଟି ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ, ମହିଷାପାଟ ପୂଜା କମିଟି ୨୫ ବର୍ଷ ପୂରଣ ଉପଲକ୍ଷେ ରୌପ୍ୟଜୟନ୍ତୀ ପାଳନ କରୁଛି। ୧୧ ଦିନାତ୍ମକ ପୂଜାର ବିଭିନ୍ନ ଦିବସରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିବ।

ପୂଜାକୁ ମାତ୍ର ଦିନଟିଏ ବାକି ଥିବାବେଳେ ଉଠା ଦୋକାନୀମାନେ ପସରା ମେଲାଇଲେଣି। ମନୋରଞ୍ଜନ ପାଇଁ ମିନାବଜାର ସମେତ ବିଭିନ୍ନ ଦୋଳି ଆସି ପହଞ୍ଚି ସାରିଲାଣି। ପ୍ରଶାସନ ପକ୍ଷରୁ ମହିଷାପାଟ ପଡ଼ିଆରେ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାର କାରିଗରଙ୍କ ହସ୍ତଶିଳ୍ପ, ହସ୍ତକଳା ପ୍ରଦର୍ଶିତ ହେବ। ପୂଜା ମହୋତ୍ସବକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ତୋରଣ, କଳାକୁଞ୍ଜ ମୁଖ୍ୟ ଆକର୍ଷଣ

ପୌରାଣିକ, ଐତିହ୍ୟ, ପରମ୍ପରା ଏବଂ ସାମାଜିକ କଥାବସ୍ତୁ ଉପରେ ଆଧାରିତ ମୂର୍ତ୍ତି, କଳାକୁଞ୍ଜ ସାଙ୍ଗକୁ ମଣ୍ଡପରେ ସାଜସଜ୍ଜା ଢେଙ୍କାନାଳ ଲକ୍ଷ୍ମୀପୂଜାର ଅନ୍ୟତମ ଆକର୍ଷଣ। ଚଳିତ ବର୍ଷ ମଧ୍ୟ ଏହାର ଝଲକ ଦେଖିବାକୁ ମିଳିବ। ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ଥର ପାଇଁ ବାଉଁଶ କଳାକୃତି ତୋରଣ ନିର୍ମାଣ କରାଯାଇଛି। ଅନ୍ୟ ପୂଜାମଣ୍ଡପ ବୈଦ୍ୟୁତିକ ତୋରଣ, ଏଲ୍‌ଇଡି ଲାଇଟ୍ ଉପରେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୂଜା ଅବସରରେ ଗୁରୁବାର ଅଧିକାଂଶ ପୂଜା ପ୍ରତିଷ୍ଠାନରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

### ଭାଇଚାରା ବାର୍ତ୍ତା ବାଣ୍ଟୁଛି



ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ସଂସ୍କୃତି, ଭାଇଚାରା ଓ ପରମ୍ପରାର ବାର୍ତ୍ତା ବାଣ୍ଟୁଛି। ଦୁଇବର୍ଷ ପରେ ଆଡମ୍ବରରେ ପୂଜା ହେଉଥିବାରୁ ପ୍ରବଳ ଜନସମାଗମ ହେବ।

-ରାମଚନ୍ଦ୍ର ପାତ୍ର, ବାଜିଚୌକ ପୂଜା କମିଟି, ସଭାପତି

### ସମୃଦ୍ଧ ପରମ୍ପରା ଏକାଠି କରିଛି



ଢେଙ୍କାନାଳ ଲକ୍ଷ୍ମୀପୂଜା ମହୋତ୍ସବ ସଂସ୍କୃତି, ଶାନ୍ତିଶୃଙ୍ଖଳା ପାଇଁ ବେଶ୍ ପ୍ରସିଦ୍ଧ। ସହରର ଏଭଳି ସମୃଦ୍ଧ ପରମ୍ପରା ସବୁ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରିପାରିଛି।

-ଶେଖ୍ ହୁସେନ, ଗଣେଶବଜାର ପୂଜା କମିଟି, ଅଧ୍ୟକ୍ଷ

### କମିଟି କର୍ମକର୍ତ୍ତା ଉତ୍ସାହିତ



କରୋନାସ୍ଥିତି ବଦଳିବା ପରେ ପ୍ରତିଯୋଗିତାପୂର୍ଣ୍ଣ ପୂଜାକୁ ନେଇ କମିଟି କର୍ମକର୍ତ୍ତା ଓ ସହରବାସୀ ଉତ୍ସାହିତ ହୋଇପଡିଛନ୍ତି। ପ୍ରଶାସନ, ପୋଲିସ ପକ୍ଷରୁ ସହଯୋଗ ମିଳୁଛି।

-ଗୋପାଳ ଚନ୍ଦ୍ର ପାତ୍ର, ମିଳିତବଜାର ପୂଜା କମିଟି ସଭାପତି

### ଲକ୍ଷ୍ମୀବଜାର ୭୫ବର୍ଷ ପାଳିବ



ଚଳିତବର୍ଷ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

-ପ୍ରଭାକର ବେହେରା, ଲକ୍ଷ୍ମୀବଜାର ପ୍ରତିଷ୍ଠାନ କାର୍ଯ୍ୟକାରୀ ସଭାପତି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
dklselfie@gmail.com



@ ମୃଣାଳିନୀ



@ ଶିବପ୍ରସାଦ



@ ରାଜଶ୍ରୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଖୋଜର ବର୍ଷକ ପରେ ମୁମ୍ବାଇରୁ ନାବାଳିକା ଉଦ୍ଧାର

ଢେଙ୍କାନାଳ ଅଫିସ, ୭।୧୦

ଢେଙ୍କାନାଳ ସଦର ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ କଲେଜ ପଢ଼ୁଆ ଛାତ୍ରୀଙ୍କୁ ବର୍ଷେ ପରେ ମୁମ୍ବାଇରୁ ଉଦ୍ଧାର କରାଯାଇଛି। ଜିଲା ପୋଲିସର ଏକ ଟିମ୍ ମୁମ୍ବାଇର କାମାଠିପୁରା ଥାନା ଧିରାର ଅଞ୍ଚଳରୁ ତାଙ୍କୁ ଠାବ କରିଛି। ନାବାଳିକା ଜଣକ ସେଠାରେ ଜଣେ ବ୍ୟକ୍ତିଙ୍କ ଘରେ କେୟାର ଟେକର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, କଲେଜରେ ପାଠ ପଢ଼ୁଥିବା ସମୟରେ ଚାକିରି ଦେବାକୁ ପ୍ରଲୋଭିତ କରି ଜଣେ ଯୁବକ ସମ୍ପୃକ୍ତା ନାବାଳିକାଙ୍କୁ ମୁମ୍ବାଇ ନେଇଯାଇଥିଲେ। ତାଙ୍କର ସନ୍ଧାନ ନ ମିଳିବାରୁ ପରିବାର ଲୋକେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସଦର ଥାନାରେ ନଂ. ୫୪୧/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ନାବାଳିକାଙ୍କ ସମ୍ପର୍କରେ ସୂଚନା ପାଇ ଜିଲା ପୋଲିସ କାର୍ଯ୍ୟାଳୟର ଇନ୍ସପେକ୍ଟର ସରୋଜିନୀ ସାମ୍ବଡା ୨ ମହିଳା ପୋଲିସ ଏବଂ ଅନ୍ୟ କର୍ମଚାରୀଙ୍କ ସହ ମୁମ୍ବାଇରେ ପହଞ୍ଚିଥିଲେ। ସେଠାକାର ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରି ଟ୍ରେନ୍ ଯୋଗେ ଢେଙ୍କାନାଳ ଅଣାଯାଇଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ହାତୀ–ମଣିଷ ବିବାଦ ହ୍ରାସ ଉପରେ ଆଲୋକପାତ

ଅନୁଗୋଳ ଅଫିସ, ୭।୧୦

ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ବନ୍ତଲା ବାଳିକା ଉଚ୍ଚ ବିଦ୍ୟାଳୟରେ ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସିଦ୍ଧାର୍ଥ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ବନ୍ତଲା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସହ ହାତୀ–ମଣିଷ ବିବାଦ ହ୍ରାସ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରିତା ପ୍ରଧାନ, ବରିଷ୍ଠ ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ ଏବଂ ସମ୍ପାଦକ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ପ୍ରକାରଭେଦ, ପ୍ରଜାତି, ବିପଦ ଏବଂ ସୁରକ୍ଷା ସହ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗ କରିଥିଲେ।

# ପ୍ରଥମ ଚେଷ୍ଟାରେ ସଫଳ ଶ୍ୱେତପତ୍ରା

ଓସିଏସ୍‌ରେ ୧୩୨ ର୍‍ୟାଙ୍କ

ଢେଙ୍କାନାଳ ଅଫିସ, ୭।୧୦

ବହୁ ପ୍ରତୀକ୍ଷିତ ଓଡ଼ିଶା ସିଭିଲ୍ ସର୍ଭିସ୍–୨୦୨୦ (ଓସିଏସ୍) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଢେଙ୍କାନାଳ ସହର ଜୁବିଲି ଟାଉନ୍ କଣ୍ଟାନାଳି ବାଇପାସ୍ ଅଞ୍ଚଳର ଶ୍ୱେତପତ୍ରା ବିଶ୍ୱାଳ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୧୩୨ ର୍‍ୟାଙ୍କ ହାସଲ କରିଛନ୍ତି। ଶ୍ୱେତପତ୍ରା ନିଜ ପ୍ରତିକ୍ରିୟାରେ କୁହନ୍ତି, ଓସିଏସ୍ ପରୀକ୍ଷା ପାଇଁ ସେ ପ୍ରସ୍ତୁତି କରୁଥିଲେ ମଧ୍ୟ ସଫଳତା ପାଇବେ ବୋଲି ଭାବି ନ ଥିଲେ। ପ୍ରଥମ ପ୍ରଚେଷ୍ଟାରେ କୃତକାର୍ଯ୍ୟ ହେବା ପରେ ଖୁସି ଲାଗୁଛି। ଏବେ ୟୁପିଏସ୍‌ସି ପାଇଁ ସେ ପ୍ରସ୍ତୁତି ଜାରି ରଖିଛନ୍ତି। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବା ସହ ତୃଣମୂଳସ୍ତରେ ରହୁଥିବା ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।



ଶ୍ୱେତପତ୍ରା ବିଶ୍ୱାଳ।

ଶ୍ୱେତପତ୍ରା ହେଉଛନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିକାନ୍ତ ବିଶ୍ୱାଳ ଏବଂ ଗୋବିନ୍ଦପ୍ରସାଦ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁଙ୍କ ବଡ଼ ଝିଅ। ସେ ଢେଙ୍କାନାଳ ମଣ୍ଟଫୋର୍ଟ ବିଦ୍ୟାଳୟରୁ ଦଶମ ଶ୍ରେଣୀ, ଭୁବନେଶ୍ୱର ବିଜେବି ଜୁନିୟର କଲେଜରୁ ଯୁକ୍ତ୨ ପାସ୍ କରିବା କରିବା ପରେ ଓୟୁଏଟିରେ ୟୁଜି ଓ ପିଜି କରିଛନ୍ତି। ତାଙ୍କ ସାନଭଉଣୀ ଓ ସାନଭାଇ ବ୍ୟାଙ୍କ ଅଧିକାରୀ। ଶ୍ୱେତପତ୍ରା ନିଜର ସଫଳତାର ଶ୍ରେୟ ମହାପ୍ରଭୁ ଜଗନ୍ନାଥ, ଗୁରୁ, ପିତାମାତା, ଅଜା ତ୍ରିଲୋଚନ ସ୍ୱାଇଁ ଓ ଗାଇଡ୍ କରିଥିବା ଓୟୁଏଟିର ପ୍ରଫେସର ଡ. ସୁମନ୍ତ କୁମାର ମିଶ୍ର, କ୍ୟାପଟେନ୍ ସୁଧୀର ବିହାରୀ ପାତ୍ରଙ୍କୁ ଦେଇଛନ୍ତି।

# ଟ୍ରାଫିକ୍ ପରିଚାଳନା, ପାର୍କିଂ ଚ୍ୟାଲେଞ୍ଜ

ଢେଙ୍କାନାଳ ଅଫିସ, ୭।୧୦



ବୈଠକରେ ଏସ୍‌ପି, ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ।

■ଦୁଇ ଚକିଆ ପାଇଁ ୨୦, ଚାରି ଚକିଆ ପାଇଁ ୪୦ ଟଙ୍କା ଫି'
■୯ରୁ ୧୯ ଯାଏ ସହରକୁ ଆସିବ ନାହିଁ ଯାତ୍ରୀବାହୀ ବସ୍

ଗଣପର୍ବ ଲକ୍ଷ୍ମୀପୂଜାରେ ବ୍ୟାପକ ଜନସମାଗମ ହେବ। ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ପୋଲିସ ପ୍ରଶାସନ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ପାଲଟିବ। ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ଗୁରୁତ୍ୱାରୋପ କରିଛନ୍ତି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.। ଏ ନେଇ ସ୍ଥାନୀୟ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଏସ୍‌ପି କହିଲେ, ଲକ୍ଷ୍ମୀପୂଜାରେ ଭିଡ଼ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଜନସାଧାରଣଙ୍କ ଯାତାୟାତ ସୁବିଧା ଲାଗି ବ୍ୟବସ୍ଥା କରାଯିବ। ମହିଷାପାଟ ଛକ, କାଳଟାକ୍ସ, କଲେଜ ବାଇପାସ୍, ଦକ୍ଷିଣକାଳୀ ରୋଡ୍ ନିକଟବର୍ତ୍ତୀ ସ୍ଥାନ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାଖ ଏବଂ ବଳରାମ ମନ୍ଦିର ନିକଟରେ ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ଗୋଇନ୍ଦା ଡିଏସ୍‌ପି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

ଅସମ୍ଭାଳ ଭିଡ଼ ହେବାର ସମ୍ଭାବନା ଥିବାରୁ ଅଧିକ ପାର୍କିଂ ସ୍ଥଳ କରିବା ଲାଗି ପୂଜା ପ୍ରତିଷ୍ଠାନର ସଦସ୍ୟ ପ୍ରସ୍ତାବ ଦେଇଛନ୍ତି। ତଦନୁଯାୟୀ ପାର୍କିଂ ସ୍ଥାନ ନିରୂପଣ କରିବା ଲାଗି ପୌର ନିର୍ବାହୀ ଅଧିକାରୀ, ପୋଲିସ ଅଧିକାରୀ, ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ୨ଚକିଆ ଯାନ ପାଇଁ ୨୦ଟଙ୍କା ଓ ୪ ଚକିଆ ଯାନ ପାଇଁ ୪୦ଟଙ୍କା ପାର୍କିଂ ଫି' ଧାର୍ଯ୍ୟ କରାଯାଇଛି। ପାର୍କିଂ ଷ୍ଟାଣ୍ଡରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ପୃଥକ୍ ରାସ୍ତା ସହିତ ଆଲୋକ ବ୍ୟବସ୍ଥା କରାଯିବ। ଏଥିରେ ପୂଜାମଣ୍ଡପ ସହଯୋଗ କରିବାକୁ ନିବେଦନ କରାଯାଇଛି। ଅପରାହ୍ନ ୪ଟାରୁ ରାତି ୧୨ଟା ଯାଏ ଅନୁମତି ଓ ପାସ୍ ନ ଥିବା ଯାନବାହନକୁ ବଜାର ରାସ୍ତାରେ ଯିବାକୁ ଅନୁମତି ଦିଆଯିବ ନାହିଁ। ଗହଳି ଏଡ଼ାଇବାକୁ ୯ରୁ ୧୯ ତାରିଖ ଯାଏ ସହର ଭିତରକୁ କୌଣସି ଯାତ୍ରୀବାହୀ ବସ୍ ଆସିବ ନାହିଁ ବୋଲି ବସ୍ ମାଲିକ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ଯାତ୍ରୀମାନେ ଧାର୍ଯ୍ୟଭଡ଼ା ଦେଇ ଅଟୋରିକ୍ସାରେ ଆସିପାରିବେ। ଦୁର୍ଘଟଣା ରୋକିବା ଏବଂ ଅବାଧ ଯାତାୟାତ ଲାଗି ସହର ମଧ୍ୟରୁ ସମସ୍ତ ବୁଲା ଗୋରୁ, ଷଣ୍ଢ ସ୍ଥାନାନ୍ତର ହେବେ। ଏଥିଲାଗି ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି।

ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ବିଡିଓ ସୁଧୀର କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ମିଳିତବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଶାନ୍ତି କମିଟି ସଭାପତି ସୁଧାଂଶୁ କୁମାର ଦଳେଇଙ୍କ ସମେତ ସମସ୍ତ ପୂଜା ପ୍ରତିଷ୍ଠାନର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ।

# ଶାନ୍ତିଶୃଙ୍ଖଳାରେ ସରିଲା ବଳଦଯାତ୍ରା

ଭୁବନ, ୭।୧୦(ଡି.ଏନ.ଏ.)

■ନିର୍ଦ୍ଧାରିତ ସମୟର ୩ ଘଣ୍ଟା ବିଳମ୍ବରେ ହେଲା ବିସର୍ଜନ
■ପାରମ୍ପରିକ ବାଦ୍ୟ, ଲୋକନୃତ୍ୟରେ କମ୍ପିଲା ଭୁବନ

ଢେଙ୍କାନାଳ ଜିଲା ଭୁବନର ଐତିହାସିକ ବଳଦଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ ବୁଧବାର ବିଳମ୍ବିତ ରାତିରେ ଅନୁକୂଳ ଯାତ୍ରା ଶେଷ ହୋଇଥିଲା। ଗୁରୁବାର ସନ୍ଧ୍ୟାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଅପରାହ୍ନ ୧ଟା ସୁଦ୍ଧା ସମସ୍ତ ମେଢ଼ଗୁଡ଼ିକ ନିର୍ଦ୍ଧାରିତ ଜଳାଶୟରେ ବିସର୍ଜନ କରାଯାଇଛି।

ଶାନ୍ତି କମିଟି ଏବଂ ପ୍ରଶାସନର ସହଯୋଗରେ ଆୟୋଜିତ ରାବଣପୋଡ଼ି ପ୍ରବଳ ବର୍ଷା ପାଇଁ ଦୁଇ ଘଣ୍ଟା ବିଳମ୍ବିତ ହୋଇଥିଲା। ଏହାପରେ ଥୋରିଆ, ବଣିଆ ଓ କାଚରା ସମ୍ପ୍ରଦାୟର ବଳଦିଆମାନେ ବଳଦ ସହ ଶୋଭାଯାତ୍ରାରେ ବାହାରିଥିଲେ। ଅନ୍ୟ ବଳଦିଆମାନେ ଗୁଜୁରିହାଟ, ଗୋପାଳମଣ୍ଡପଠାରେ ସେମାନଙ୍କ ସହ ସାମିଲ ହୋଇଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅନୁକୂଳ ଯାତ୍ରାରେ ମୁହାଁମୁହିଁ ହୋଇଥିଲେ ନୂଆଭୁବନ ଓ ବନ୍ଧାଳ ବଳଦିଆ କମିଟି। ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସମ୍ପୃକ୍ତ ଦୁଇ କମିଟିକୁ ପ୍ରଶାସନ ଶୋଭାଯାତ୍ରାରୁ ବାଦ୍ ଦେଇଥିଲା। ଏହାପରେ ମୋଟ ୩୦ ବଳଦ ଏବଂ ୧୩ଟି ମେଢ଼କୁ ନେଇ ବିସର୍ଜନ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଭୁବନ ନୂଆବଜାରଠାରେ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଲୋକାରଣ୍ୟ ହୋଇଉଠିଥିଲା ସମଗ୍ର ଅଞ୍ଚଳ। ସେଠାରୁ ଅତ୍ୟାଧୁନିକ ବାଜା, ଲୋକନୃତ୍ୟ, ଚିତ୍ତାକର୍ଷକ ଭାଙ୍ଗଡ଼ା ନୃତ୍ୟର ତାଳେ ତାଳେ ଶୋଭାଯାତ୍ରା ଆଗକୁ ବଢ଼ିଥିଲା। ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୩ ଘଣ୍ଟା ବିଳମ୍ବରେ ମେଢ଼ଗୁଡ଼ିକ ବିସର୍ଜନ ହୋଇଛି। କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ଶାନ୍ତି କମିଟି କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ନିର୍ଦ୍ଦେଶ ମାନିଲେନି, ବାଜିଲା ଡିଜେ

ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଲାଗି ବଳଦଯାତ୍ରାରେ ଡିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଥିଲା। ଏହାକୁ ସମସ୍ତ ପୂଜା ପ୍ରତିଷ୍ଠାନ ଏବଂ ବଳଦିଆ କମିଟି ସମ୍ମାନ ଜଣାଇଥିଲେ। ତେବେ ଭସାଣି ଶୋଭାଯାତ୍ରାରେ ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ତୀବ୍ର ଶବ୍ଦ ଯୁକ୍ତ ଡିଜେ ବାଜିଥିଲା। ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଭସାଣି ସାରିବାକୁ କୁହାଯାଇଥିବାବେଳେ ଏଥିରେ ମଧ୍ୟ ବିଳମ୍ବିତ ହୋଇଥିଲା। ପ୍ରତିବର୍ଷ ଏଭଳି ବ୍ୟତିକ୍ରମ ହେଉଥିବାବେଳେ ପ୍ରଶାସନର କୋହଳ ମନୋଭାବ ପ୍ରଦର୍ଶନକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।



ନୂଆ ବଜାରରେ ଅନୁଷ୍ଠିତ ମେଳଣ କାର୍ଯ୍ୟକ୍ରମରେ ସମବେତ ହୋଇଥିବା ମେଢ଼।

